OPEN ACCESS

*Ind. Jr. of Mod. Res. and Rev* **PEER-REVIEWED JOURNAL** *Volume 4 Issue 1 [Jan] Year 2026*

# Indian Journal of Modern Research and Reviews

This Journal is a member of the *'Committee on Publication Ethics'*

Online ISSN:2584-184X




*Research Article*

# କନ୍ଧମାଳର ପ୍ରଦର୍ଶନଶୀଳ ଲୋକକଳା: ଶିଙ୍ଗନୃତ୍ୟ

**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** *ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20343634

## Abstract

ଓଡ଼ିଶାର ସାଂସ୍କୃତିକ ମାନଚିତ୍ରରେ କନ୍ଧମାଳର ଅରଣ୍ୟାନୀ ଓ ସେଠାକାର ଆଦିମ ଅଧିବାସୀ କନ୍ଧ ସମ୍ପ୍ରଦାୟର ସାରସ୍ୱତ ଜୀବନଚର୍ଯ୍ୟା ଏକ ସ୍ୱତନ୍ତ୍ର ଗୌରବ ବହନ କରେ। ଏହି ଜନଜାତିଙ୍କ ପ୍ରକୃତି-ପ୍ରୀତି ଓ ବୀରତ୍ୱର ଅନନ୍ୟ ପ୍ରତୀକ ହେଉଛି ପାରମ୍ପରିକ 'ଶିଙ୍ଗନୃତ୍ୟ' ବା କୁଇ ଭାଷାର 'କ୍ରାହେନ୍ଦ୍ରା'। ପ୍ରକୃତି ସହ ଓତଃପ୍ରୋତ ଭାବେ ଜଡ଼ିତ ଆଦିବାସୀ ମାନସର ବନ୍ୟପଶୁଙ୍କ ଆଚରଣକୁ ଅନୁକରଣ କରିବାର ପ୍ରବୃତ୍ତିରୁ ହିଁ ଏହି ପ୍ରାଚୀନ ନୃତ୍ୟର ଅଭ୍ୟୁଦୟ। ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ଘୁମୁସର ନରେଶ ଗଦାଧର ଭଞ୍ଜଙ୍କ ରାଜକୀୟ ପୃଷ୍ଠପୋଷକତା ଏବଂ ସାମରିକ ବିଦ୍ୟାର ପ୍ରସାର ଏହି ଲୋକନୃତ୍ୟକୁ ଗଣ-ଅଭିମୁଖୀ କରାଇବାରେ ସହାୟକ ହୋଇଥିଲା। ଆଙ୍ଗିକ ଦୃଷ୍ଟିରୁ ଏହା ଏକ ପୁରୁଷ-ପ୍ରଧାନ, ସଙ୍ଗୀତବିହୀନ ସମରକଳାଭିତ୍ତିକ ନୃତ୍ୟ, ଯାହାର ପରିବେଷଣ ଶୈଳୀ ପାଇକ ନୃତ୍ୟ ସହ ସାମଞ୍ଜସ୍ୟ ରଖେ। ମୁଣ୍ଡରେ ପୋଢ଼ ବା ଗୟଳ ଶିଙ୍ଗର ପଗଡ଼ି, ହାତରେ ଟାଙ୍ଗୀ ଓ ଧନୁଶର ଧାରଣ କରି କେବଳ ଦିବସଭାଗରେ ସମ୍ପାଦିତ ହେଉଥିବା ଏହି ନୃତ୍ୟ କନ୍ଧ ଜୀବନର ଉତ୍ସବ, ବିବାହ ଏବଂ ପବିତ୍ର 'କେଡୁପର୍ବ'ର ମୁଖ୍ୟ ଆକର୍ଷଣ। ଟାଙ୍ଗୁ (କ୍ରାବା) ଓ ମହୁରୀର ଆଦିମ ଧ୍ୱନିରେ କମ୍ପିତ ହେଉଥିବା ଏହି ଶୈଳୀରେ କାଳକ୍ରମେ ହାସ୍ୟରସ ଓ ନାରୀ ଚରିତ୍ରର ସଂଯୋଗ ଘଟିଛି। ମାତ୍ର ବେଗଗାମୀ ଆଧୁନିକତାର କରାଳ ଗ୍ରାସରେ ଆଜି ଏହି ଅନନ୍ୟ ଲୋକସଂସ୍କୃତି ବିଲୁପ୍ତପ୍ରାୟ। ପ୍ରବନ୍ଧରେ ଉକ୍ତ ପ୍ରାଚୀନ କଳାର ଐତିହାସିକ ଗରିମା, ଆଙ୍ଗିକ ବୈଶିଷ୍ଟ୍ୟ ଓ ସାମ୍ପ୍ରତିକ ସଂରକ୍ଷଣର ଜରୁରୀ ଆବଶ୍ୟକତା ଉପରେ ଏକ ସମୀକ୍ଷାତ୍ମକ ଆଲୋକପାତ କରାଯାଇଛି।

## Manuscript Information

- **ISSN No:** 2584-184X
- **Received:** 20-11-2025
- **Accepted:** 23-12-2025
- **Published:** 10-01-2026
- **MRR:**4(1); 2026: 251-254
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

## How to Cite this Article

ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. କନ୍ଧମାଳର ପ୍ରଦର୍ଶନଶୀଳ ଲୋକକଳା: ଶିଙ୍ଗନୃତ୍ୟ. Indian J Mod Res Rev. 2026;4(1):251-254.

## Access this Article Online

www.mrrjournal.in

**ପ୍ରମୁଖଶବ୍ଦ:** କନ୍ଧ ସମ୍ପ୍ରଦାୟ,କନ୍ଧସଂସ୍କୃତି,ଟାଙ୍ଗୁ,ମହୁରୀ,ଶିଙ୍ଗନୃତ୍ୟ



© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ପ୍ରସ୍ତାବନା**

ବିଶ୍ୱମ୍ଭରା ବସୁନ୍ଧରା ବକ୍ଷରେ ଉତ୍କଳ ଭୂଖଣ୍ଡର ସାଂସ୍କୃତିକ କଳେବର ଅନନ୍ୟ, ଅନିର୍ବଚନୀୟ ଓ ମହିମାମଣ୍ଡିତ। ଏହି ମାର୍ତ୍ତ୍ୟ-ବୈକୁଣ୍ଠର ନୀଳ-ଶୈଳ-ମାଳା-ପରିବେଷ୍ଟିତ, କାନ୍ତ-କାନ୍ତାର-ପୂରିତ ଏବଂ ଅରଣ୍ୟାନୀର ସବୁଜ ମଲ୍ଲିକାରେ ସୁଶୋଭିତ ଅଞ୍ଚଳ ହେଉଛି କନ୍ଧମାଳ। ଯେଉଁଠି ପ୍ରକୃତି ନିଜେ ରାଜରାଜେଶ୍ୱରୀ ରୂପରେ ବିରାଜମାନ, ସେଠାରେ ସହଜାତ ଜୀବନଚର୍ଯ୍ୟା ଓ ସାରସ୍ୱତ ଚେତନାର ଉନ୍ମେଷ ଘଟିବା ସ୍ୱାଭାବିକ। ରୀତିକାବ୍ୟର ସ୍ୱର୍ଣ୍ଣିମ ଭାଷାରେ କହିବାକୁ ଗଲେ, ଯେଉଁଭଳି କାବ୍ୟରେ ଅଳଙ୍କାର ଓ ଛନ୍ଦର ସୁଷମା ମନ ପ୍ରଫୁଲ୍ଲିତ କରେ, ସେହିଭଳି ଅରଣ୍ୟ ସଂସ୍କୃତିରେ ଜନଜାତିଙ୍କ ଆଦିମ ଉନ୍ମାଦନା ଜୀବନକୁ ରସସିକ୍ତ କରିଥାଏ। ଏହି ଘନ ଅରଣ୍ୟର ଅନ୍ତରାଳେ ନିବାସ କରୁଥିବା ଶାଶ୍ୱତ ଅଧିବାସୀ ହେଉଛନ୍ତି କନ୍ଧ ସମ୍ପ୍ରଦାୟ। ସେମାନଙ୍କର ପ୍ରାଣର ସ୍ପନ୍ଦନ, ବୀରତ୍ୱର ନିଦର୍ଶନ ଏବଂ ପ୍ରକୃତି-ପୁରୁଷର ସାର୍ବଜନୀନ ସମନ୍ୱୟର ଏକ ସୁଲଳିତ, ଛନ୍ଦୋମୟ ଓ ନାନ୍ଦନିକ ପରିପ୍ରକାଶ ହେଉଛି ପାରମ୍ପରିକ 'ଶିଙ୍ଗନୃତ୍ୟ', ଯାହା ଜନଜାତିଙ୍କ ନିଜସ୍ୱ କୁଇ ଭାଷାରେ 'କ୍ରାହେନ୍ଦ୍ରା' ନାମରେ ବିଖ୍ୟାତ।

କାଳର କରାଳ ଗତିରେ ଏହି ନୃତ୍ୟର ଆଦ୍ୟ-ଅନ୍ୱେଷଣ ଓ ସ୍ଥିର ସମୟ ନିରୂପଣ କରିବା ସାଧାରଣ ମାନବ ପକ୍ଷେ ଦୁରୂହ ବ୍ୟାପାର। ଏହା ଯେ କେଉଁ ଅନାଦି ଅନନ୍ତ କାଳରୁ ନିଜର ସତ୍ତା ଜାହିର କରିଆସିଛି, ତାହା କେବଳ ଅନୁଭୂତିର ଅନୁଶୀଳନରୁ ହିଁ ଜ୍ଞାତ ହୁଏ। ରୀତିଯୁଗୀୟ ଚିନ୍ତାଧାରାରେ ପ୍ରକୃତି ହିଁ ସମସ୍ତ ସୃଷ୍ଟିର ଆଦ୍ୟ ଉତ୍ସ। ଅରଣ୍ୟର ହିଂସ୍ର ପ୍ରାଣୀ ଓ ବିହଙ୍ଗମାନଙ୍କ କୋଳରେ ବଢ଼ିଥିବା ଆଦିମ ମାନବ ସେମାନଙ୍କ ସ୍ୱଭାବକୁ ନିଜ ଜୀବନର ଆଦର୍ଶ ଭାବେ ଗ୍ରହଣ କରିଥିଲା। ବନ୍ୟପଶୁଙ୍କ ପରାକ୍ରମ, ଗତି ଏବଂ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କନ୍ଧ ଜନଜାତି ନିଜ ମୁଣ୍ଡରେ ପୋଢ଼ ବା ଗୟଳର ଶିଙ୍ଗ ଧାରଣ ପୂର୍ବକ ଯେଉଁ ନୈସର୍ଗିକ ନୃତ୍ୟର ସୂତ୍ରପାତ କରିଥିଲେ, ତାହା କ୍ରମଶଃ ଏକ ଶାସ୍ତ୍ରୀୟ ଲୋକକଳାର ରୂପାନ୍ତର। ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ଶାଗୁଣା ନୃତ୍ୟ, ବ୍ୟାଘ୍ର ନୃତ୍ୟ ଓ କୁକୁଡ଼ା ନୃତ୍ୟର ପ୍ରଚଳନ ଥିବା ସଦୃଶ୍ୟ, ଓଡ଼ିଶାର ଜୁଆଙ୍ଗ ଜନଜାତିଙ୍କ ଭାଲୁ ବା ମୟୂର ନୃତ୍ୟ ଏବଂ ଗଣ୍ଡ ଓ ବାଞ୍ଜାରା ସମ୍ପ୍ରଦାୟର ଶୁଆନୃତ୍ୟ ଏହାର ଉଦାହରଣ। କୋରାପୁଟର ଦୁରୁଆ ସମ୍ପ୍ରଦାୟର ପୁଷ ପରବରେ ଗୟଳ ଶିଙ୍ଗ ଓ ମୟୂର ଚନ୍ଦ୍ରିକା ଧାରଣ କରିବାର ପରମ୍ପରା ମଧ୍ୟ ଏହି 'ପ୍ରକୃତି-ଅନୁକରଣ' ପ୍ରବୃତ୍ତିର ଜାଜ୍ୱଲ୍ୟମାନ ପ୍ରମାଣ।

କନ୍ଧମାଳର ପ୍ରାଚୀନ ଅଧିବାସୀ କନ୍ଧ ସମ୍ପ୍ରଦାୟର ଏକ ପ୍ରମୁଖ ଲୋକନୃତ୍ୟ ଭାବରେ ଶିଙ୍ଗନୃତ୍ୟ ସ୍ୱୀକୃତ । ଏହାର ସୃଷ୍ଟି ସଂପର୍କରେ ଏକ ସ୍ଥିର ନିଶ୍ଚିତ ସମୟ ଯଦିଓ ଏ ଯାବତ୍ ସ୍ଥିର ହୋଇପାରି ନାହିଁ;ତଥାପି କେଉଁ ଅନାଦି କାଳରୁ ଏହା ସୃଷ୍ଟି ଲାଭ କରିଥିବା କହିଲେ ସତ୍ୟର ଆପଳାପ ହେବନାହିଁ। ପ୍ରକୃତି ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଆଦିବାସୀ ସମ୍ପ୍ରଦାୟ ବନ୍ୟପଶୁଙ୍କୁ ଅନୁସରଣ କରି ମୁଣ୍ଡରେ ଶିଙ୍ଗ ଧାରଣ ପୂର୍ବକ ଏହି ନୃତ୍ୟ ପରିବେଷଣ କରିଥାନ୍ତି । କୁଇ ଭାଷାରେ ଶିଙ୍ଗନୃତ୍ୟ 'କ୍ରାହେନ୍ଦ୍ରା' ନାମରେ ପରିଚିତ । କ୍ରାହା ଶବ୍ଦର ଅର୍ଥ ଶିଙ୍ଗ ଏବଂ ଏନ୍ଦା ଶବ୍ଦର ଅର୍ଥ ନୃତ୍ୟ ହୋଇଥିବା ଯୋଗୁଁ ଏହାକୁ କ୍ରାହେନ୍ଦ୍ରା କୁହଯାଏ । ପଶୁପକ୍ଷୀଙ୍କୁ ଅନୁସରଣ କରି ଭାରତରେ ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ବିଭିନ୍ନ ନୃତ୍ୟ ପରିବେଷଣ କରୁଥିବା ଜଣାଯାଏ । ଶାଗୁଣା ନୃତ୍ୟ, କୁକୁଡା ନୃତ୍ୟ, ବାଘ ନାଚ ଇତ୍ୟାଦି ଶିକାର ଓ ବନ୍ୟ ପଶୁପକ୍ଷୀଙ୍କୁ ଅନୁସରଣ କରି ସୃଷ୍ଟି ହୋଇଥିବା କୁହଯାଏ । ଭାରତର ଉତ୍ତର-ପୂର୍ବାଞ୍ଚଳ ଅଧିବାସୀଙ୍କ ମଧ୍ୟରେ ପଶୁପକ୍ଷୀଙ୍କୁ ଅନୁସରଣ କରି ବହୁ ନୃତ୍ୟ ପରିବେଷଣ ହେଇଥିବା ଜଣାଯାଏ ।।୧। ସେହିପରି ଓଡ଼ିଶାର ଜୁଆଙ୍ଗ ଜନଜାତି ଭାଲୁ, ଘୁଷୁରୀ, ମୟୂର, ସାପ ଆଦି ପଶୁପକ୍ଷୀଙ୍କୁ ଅନୁସରଣ କରି ବହୁ ନୃତ୍ୟ ପରିବେଷଣ କରୁଥିବା ବେଳେ ।୨। ଗଣ୍ଡ ଏବଂ ବାଞ୍ଜାରା ସମ୍ପ୍ରଦାୟର ଶୁଆନୃତ୍ୟ ଅତି ପ୍ରିୟ । ଅନ୍ୟପକ୍ଷରେ ପୁସ୍ ପରବ ପାଳନ ଅବସରରେ କୋରାପୁଟ ଜିଲ୍ଲାର ଦୁରୁଆ ସମ୍ପ୍ରଦାୟର ପୁରୁଷ ମାନେ ମୁଣ୍ଡରେ ଦୁଇଟି ଗୟଳ ଶିଙ୍ଗ ଓ ମୟୂର ପୁଚ୍ଛ ବାନ୍ଧି ନୃତ୍ୟ କରୁଥିବା ଦେଖାଯାଏ ।।୩। ସୁତରାଂ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଶିଙ୍ଗନୃତ୍ୟ ଅତ୍ୟନ୍ତ ପ୍ରାଚୀନ । ପକ୍ଷାନ୍ତରେ ଏହାକୁ ଏକ ବୀରତ୍ୱ ବ୍ୟଞ୍ଜକ ନୃତ୍ୟ ଭାବରେ ମଧ୍ୟ ସ୍ୱୀକାର କରାଯାଏ । ବୀରତ୍ୱ ଭାବ ପ୍ରକାଶ ଏବଂ ନୃତ୍ୟ ପରିବେଷଣ ଶୈଳୀ ଦୃଷ୍ଟିରୁ ପାଇକ ନୃତ୍ୟ ସହିତ ଏହାର ସାମଞ୍ଜସ୍ୟ ଥିବା ଜଣାଯାଏ ।।୪। ପ୍ରକାରାନ୍ତରେ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରଥମ ପାଦରେ ଘୁମୁସର ରାଜ୍ୟର ରାଜା ଗଦାଧର ଭଞ୍ଜଙ୍କ ପୃଷ୍ଠପୋଷକତାରେ ଘୁ. ଉଦୟଗିରି ଅଞ୍ଚଳରେ ଏହି ନୃତ୍ୟ ବହୁଳ ପ୍ରସାର ଘଟିଥିବା କୁହଯାଏ । ଏହି ସମୟରେ କେତେକ ଗ୍ରାମକୁ ନେଇ ମୁଠା ଗଠନ କରାଯାଇଥିଲା ଏବଂ ମୁଠାର ମୁଖ୍ୟଙ୍କ ତତ୍ତ୍ୱାବଧାନରେ ଗ୍ରାମର ଯୁବକମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦିଆଯାଉଥିଲା । ଆପତତଃ ଯୁଦ୍ଧବିଦ୍ୟାକୁ ଲୋକାଭିମୁଖୀ କରିବା ପାଇଁ ଶିଙ୍ଗନୃତ୍ୟକୁ ତତ୍କାଳୀନ ଯୋଦ୍ଧାମାନେ ଏକ ମାଧ୍ୟମ କରିଥିବା କଥାକୁ ଅସ୍ୱୀକାର କରାଯାଇ ନ ପାରେ । ସୁତରାଂ ଆଲୋଚନାର ସୌଷ୍ଠବତା ଦୃଷ୍ଟିରୁ ସମ୍ପ୍ରତି ଆଲୋଚ୍ୟ ନୃତ୍ୟର ପରିବେଷଣ ଶୈଳୀ ଉପରେ ଆଲୋକପାତ କରାଯାଇପାରେ ।

**ଶିଙ୍ଗନୃତ୍ୟ : ପରିବେଷଣ ଶୈଳୀ** – ସାଧାରଣତଃ ଶିଙ୍ଗନୃତ୍ୟ ଏକ ପୁରୁଷ ପ୍ରଧାନ ଲୋକନୃତ୍ୟ ଏବଂ ଚାରି/ପାଞ୍ଚ ଜଣ ଅଭିନେତାଙ୍କୁ ନେଇ ଏହା ପରିବେଷଣ ହୋଇଥାଏ । ଏହା ବ୍ୟତୀତ ଜଣେ ଦୁଇଜଣ ଟାଙ୍ଗୁ ବାଦ୍ୟ ଏବଂ ଜଣେ ମହୁରୀ ବଜାଇଥାନ୍ତି । ଦୁଇଜଣ ବ୍ୟକ୍ତି ମୁଣ୍ଡରେ ପୋଢ଼ା କିମ୍ବା ଗୟଳ ଶିଙ୍ଗ ଦୁଇଟି ବାନ୍ଧି ଥାଆନ୍ତି । ଶିଙ୍ଗ ଦୁଇଟିର ମୂଳ ଅଂଶରେ ଗୋଟିଏ ଲେଖାଏଁ କଣା କରି ସେଥିରେ ଦଉଡ଼ି ବାନ୍ଧି ମୁଣ୍ଡରେ ଧାରଣ କରନ୍ତି । ପ୍ରଥମେ ମୁଣ୍ଡରେ ଗୋଟିଏ ଗାମୁଛା ବାନ୍ଧି ତନ୍ମଧ୍ୟରେ ଦୁଇଟି ଶିଙ୍ଗ ରଖି, ତା ଉପରେ ଏକ ରଙ୍ଗୀନ୍ ଶାଢ଼ୀକୁ ପଗଡ଼ି କରି ବାନ୍ଧିଥାନ୍ତି । ପଗଡ଼ି ମଧ୍ୟରେ ଶିଙ୍ଗ ଦୁଇଟିର ମୂଳ ଅଂଶ ଲୁଚି ଯାଇଥିବା ବେଳେ ଅଭିନେତାଙ୍କ ମୁଣ୍ଡରେ ଶିଙ୍ଗ ଦୁଇଟିର ଉପର ଅଂଶ ପଶୁମାନଙ୍କ ମୁଣ୍ଡରେ ଶିଙ୍ଗ ଉଠିଥିବା ପରି ଦେଖାଯାଏ । ପରିବର୍ତ୍ତିତ ଯୁଗରୁଚିକୁ ପାଥେୟ କରି ସାମ୍ପ୍ରତି ଶିଙ୍ଗନୃତ୍ୟରେ ଜଣେ ପୁରୁଷ ଅଭିନେତ୍ରୀ ଭାବରେ ନୃତ୍ୟ ପରିବେଷଣ କରୁଥିବା ଦେଖାଯାଏ । ଅପରନ୍ତୁ ରଙ୍ଗ ବେରଙ୍ଗର ପୋଷାକ ଧାରଣ କରି ଜଣେ ହାସ୍ୟ ଅଭିନେତା ମଧ୍ୟ ଉକ୍ତ ନୃତ୍ୟରେ କେତେକ ସ୍ଥାନରେ ନୃତ୍ୟ କରି ଦର୍ଶକ ମାନଙ୍କ ମନୋରଞ୍ଜନ କରିଥାଏ । ଯାହା ଜଣାଯାଏ, ଏହି ଚରିତ୍ର ପ୍ରାଥମିକ ଅବସ୍ଥାରେ ଶିଙ୍ଗନୃତ୍ୟରେ ଅଂଶ ଗ୍ରହଣ କରୁ ନ ଥିଲେ । ସମୟକ୍ରମେ ନୃତ୍ୟ ମଧ୍ୟରେ ହାସ୍ୟ ରସ ସୃଷ୍ଟି ପାଇଁ ଏହି ଚରିତ୍ରକୁ ସଂଯୋଗ କରାଯାଇଛି ।।୫। ଅଭିନେତାମାନେ ଟାଙ୍ଗୀ, ଧନୁଶର ଧରି ନୃତ୍ୟ ପରିବେଷଣ କରିଥାନ୍ତି । ଟାଙ୍ଗୁ ଏବଂ ମହୁରୀର ତାଳେ ତାଳେ ଅଭିନେତାମାନେ ନୃତ୍ୟ କରୁଥିବା ଦେଖାଯାଏ । ଏହା କେବଳ ଦିନ ସମୟରେ ପରିବେଷଣ ହୋଇଥାଏ । ବର୍ଷର ଯେ କୌଣସି ସମୟରେ ତଥା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ମାଡ଼ା ବା ଶୁଦ୍ଧିକ୍ରିୟା,କେଡୁପର୍ବ କିମ୍ବା ବିବାହ ଉତ୍ସବ, ପଟୁଆରରେ ଏହା ପ୍ରଦର୍ଶନ କରାଯାଇଥାଏ । କେଡୁପର୍ବକୁ ଏକ ଧର୍ମ କାର୍ଯ୍ୟ ମନେ କରି ନୃତ୍ୟଦଳ ପାରିଶ୍ରମିକ ନେଉ ନଥିବା ବେଳେ, ଅନ୍ୟାନ୍ୟ କାର୍ଯ୍ୟରେ ପାରିଶ୍ରମିକ ନେଇଥାନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, କୌଣସି ପରିସ୍ଥିତିରେ ମଧ୍ୟ ଏହି ନୃତ୍ୟ ରାତିରେ ପରିବେଷଣ କରାଯାଏ ନାହିଁ । ଅପରନ୍ତୁ ଏହାର ପରିବେଷଣରେ ସଙ୍ଗୀତ ଗାନ କରାଯାଏ ନାହିଁ ।

**ପୋଷାକ ପରିଚ୍ଛଦ :-** ଆଲୋଚ୍ୟ ନୃତ୍ୟରେ ବ୍ୟବହୃତ ଅଭିନେତାମାନଙ୍କ ପୋଷାକ-ପରିଚ୍ଛଦ ଏକାନ୍ତ ସରଳ ଏବଂ ଗ୍ରାମ୍ୟ ପରିବେଶରେ ଉପଲବ୍ଧ । ମୁଣ୍ଡରେ ରଙ୍ଗୀନ ଶାଢ଼ୀ ଦ୍ୱାରା ଆଚ୍ଛାଦିତ ପୋଢ଼ କିମ୍ବା ଗୟଳ ଶିଙ୍ଗ ଶୋଭା ପାଉଥିବା ବେଳେ, ମହିଳା ମାନେ ପିନ୍ଧୁଥିବା ଶାଢ଼ୀକୁ ଅଭିନେତା ମାନେ ଘାଗରା ପରି ପରିଧାନ କରିଥାନ୍ତି । ଅଣ୍ଟା ଠାରୁ ଶରୀରର ଉପର ଅଂଶ ଖୋଲାଥାଏ । କେତେକ ସ୍ଥାନରେ ଅଭିନେତାମାନେ ଗଞ୍ଜି ପରିଧାନ କରିଥିବା ଦେଖିବାକୁ ମିଳେ । ଯେଉଁ ପୁରୁଷମାନେ ନାରୀ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି, ସେମାନେ ଶାଢ଼ୀ, ବ୍ଲାଉଜ୍ ଆଦି ପରିଧାନ କରିଥାନ୍ତି । ସମ୍ପ୍ରତି


© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଅଭିନେତାମାନେ ପାଦରେ ଘୁଙ୍ଗୁର, ଚଷମା ଆଦି ବ୍ୟବହାର କରିବା ସହିତ ମୁହଁରେ ପାଉଡର ଲଗାଉ ଥିବା ଜଣାଯାଏ I ସେହିପରି ଅଣ୍ଟାରେ ମଧ୍ଯ ଘୁଙ୍ଗୁର ଏବଂ ବେକରେ ବିଭିନ୍ନ ମାଳି ଧାରଣ କରୁଛନ୍ତି I ନାରୀ ଭୂମିକାରେ ଅବତୀର୍ଣ୍ଣ ବ୍ୟକ୍ତି ଜଣକ ହାତରେ ଖଣ୍ଡେ ରୁମାଲ୍ ଧରିଥିବା ଦେଖିବାକୁ ମିଳେ I ପକ୍ଷାନ୍ତରେ ହାସ୍ୟ ଅଭିନେତା ଆଜିକାଲି ଏକ ହାପ୍ ପ୍ଯାଣ୍ଟ୍ ସହିତ ରଙ୍ଗ ବେରଙ୍ଗର ଛିଟ ସାଟ୍ ଏବଂ ମୁହଁରେ କଳା, ଧଳା ଓ ନାଲି ରଙ୍ଗରେ ଗାର ଟାଣିଥାନ୍ତି I ଚାଙ୍ଗୁ ବାଦକମାନେ ଶାଢ଼ୀକୁ କୌପୀନ ଶୈଳୀରେ ପରିଧାନ କରିବା ସହିତ ପଶ୍ଚାତ୍ ଭାଗକୁ ଲାଞ୍ଜ ପରି ଛାଡ଼ି ଥାଆନ୍ତି I ସାଧାରଣତଃ ଅଭିନେତାମାନେ କନ୍ଧ ସମ୍ପ୍ରଦାୟର ହୋଇଥିବା ବେଳେ, ବାଦ୍ୟକାରମାନେ ହରିଜନ ଶ୍ରେଣୀର ହୋଇଥିବା ଦେଖିବାକୁ ମିଳେ I

**ବାଦ୍ୟ ଓ ତାଳ:-** ଶିଙ୍ଗନୃତ୍ୟରେ ମୁଖ୍ୟତଃ ଚାଙ୍ଗୁ ଏବଂ ମହୁରୀ ମୁଖ୍ୟ ବାଦ୍ୟ ହୋଇଥିଲେ ହେଁ ଢୋଲ, ଡଲା,ବୀର କାହାଳୀ ,ତୁଡୁ ଆଦି ସହାୟକ ବାଦ୍ୟ ଭାବରେ ବ୍ୟବହୃତ ହୋଇଥାଏ I ସାଧାରଣତଃ ତିନି/ ଚାରି ଇଞ୍ଚ ଚଉଡ଼ା ବିଶିଷ୍ଟ ଏକ ପତଳା କାଠ ପଟାକୁ ଗୋଲେଇ କରି ତା' ଉପରେ ଖଇର ଅଠାର ପ୍ରଲେପ ଦେଇ ଛେଳି ଚମଡ଼ା ଛାଉଣୀ କରାଯାଇଥାଏ I ସେହି ଗୋଲେଇ କାଠ ପଟାରେ ଲାଗିଥିବା ଦଉଡ଼ିକୁ ବେକରେ ଗଳେଇ ବାଦ୍ୟକାର ଚାଙ୍ଗୁ ବଜାଇ ଥାଏ I ଏଥିରେ ଦୁଇ ପତଳା କାଠିର ବ୍ୟବହାର ହୋଇଥାଏ I ସେହିପରି ଢୋଲ ଏହି ନୃତ୍ୟର ଅନ୍ୟତମ ସହାୟକ ବାଦ୍ୟ I ବାଦକ ଏହାକୁ କାନ୍ଧରେ ଓହଳାଇ ବାଦନ କରେ I ବାମ ପାର୍ଶ୍ୱକୁ ବାମ ହାତରେ ଏବଂ ଡ଼ାହାଣ ପାର୍ଶ୍ୱକୁ ଖଣ୍ଡେ କାଠି ସାହାଯ୍ୟରେ ବାଦକ ଆଘାତ କରି ଏହାକୁ ବଜାଏ I ଚାଙ୍ଗୁ ତାଳକୁ କୁଇ ଭାଷାରେ କ୍ରାବା କୁହଯାଏ I ଚାଙ୍ଗୁର ଶବ୍ଦକୁ ନିମ୍ନ ପ୍ରକାରେ ଉଲ୍ଲେଖ କରାଯାଇପାରେ I

ଯଥା- ଗ୍ରେଁଗେନା ଗେଡ଼େଗେନା, ଗ୍ରେଁଗେନା ଗେଡ଼େଗେନା
ଗେଡ଼େଗେନା ଗେଡ଼େଗେନା, ଗ୍ରେଁଗେନା ଗେଡ଼େଗେନା II୫I
ସେହିପରି ଢୋଲରୁ ଉତ୍ପନ୍ନ ଶବ୍ଦକୁ ନିମ୍ନ ପ୍ରକାରେ ପ୍ରକାଶ କରାଯାଇପାରେ I

ଯଥା – ଗଦିଡ଼ି ଗିନା ଗିଦିଡ଼ି ଗିନା
ଡଂଡ଼ନା ଡଂଡ଼ନା

"ମହୁରୀ "ଆଲୋଚ୍ୟ ନୃତ୍ୟର ଅନ୍ୟତମ ଶୁଶିଲ ବାଦ୍ୟ I ଖଣ୍ଡେ ପୋଲା ବାଉଁଶର ଗୋଟିଏ ପାର୍ଶ୍ୱରେ ଫନେଲ୍ ଆକାରର ଏକ ଜିନିଷ ବ୍ୟବହାର ହେଉଥିବା ବେଳେ, ଅନ୍ୟ ପାର୍ଶ୍ୱଟି ଖୋଲା ଥାଏ I ସେହି ଅଂଶରେ ମହମ ଲଗାଇ ଦୁଇଖଣ୍ଡ ଖଜୁରୀପତ୍ର ଲଗାଇ ମହୁରିଆ ଫୁଙ୍କିବା ପରେ ସେହି ଧ୍ୱନି ସୃଷ୍ଟି ହୁଏ I ତାହାକୁ ନିମ୍ନ ପ୍ରକାରେ ପ୍ରକାଶ କରାଯାଇପାରେ I

ଯଥା - ହିରିରିଆ ହିରିରିଆ
ଟିଟି ହିରିରିଆ ଟିଟି ହିରିରିଆ
ଟିଟିଟିରି ଟିଟିରିଆ ହିର୍ ରର୍ II୬I

ଏତଦ୍ ଭିନ ବୀର କାହାଳୀ, ଟାମୁକୁତୁ ଆଦି ବାଦ୍ୟଯନ୍ତ୍ର ଆଲୋଚ୍ୟ ନୃତ୍ୟକୁ ରସସିକ୍ତ କରିଥାଏ I

ସଂସାରର ପରିବର୍ତ୍ତନଶୀଳ ଚକ୍ରନେମୀ ମଧ୍ୟରେ ଯେଉଁ ଚେତନା ଜାତିକୁ ସଜୀବ ଓ ଚିର ସ୍ମରଣୀୟ କରି ରଖେ, ତାହା ହିଁ ହେଉଛି ତାର ମୌଳିକ ସଂସ୍କୃତି। ଯେଉଁଭଳି ଏକ ସୁରମ୍ୟ କାବ୍ୟ ପ୍ରାଣସ୍ପନ୍ଦନ ବିନା ଶବ୍ଦର ଆଡ଼ମ୍ବର ମାତ୍ର, ସେହିଭଳି ଏକ ସମ୍ପ୍ରଦାୟ ତାର ପାରମ୍ପରିକ ଲୋକକଳା ବିନା ଆତ୍ମାହୀନ କଳେବର ସଦୃଶ। କନ୍ଧମାଳର ନୀଳ ଗିରିକନ୍ଦରରୁ ନିସୃତ ହେଉଥିବା 'ଶିଙ୍ଗନୃତ୍ୟ' ବା 'କ୍ରାହେନ୍ଦ୍ରା' କେବଳ କେତୋଟି ଶାରୀରିକ ଅଙ୍ଗଭଙ୍ଗୀ କିମ୍ବା ବାଦ୍ୟର ତାଳ ମାତ୍ର ନୁହେଁ; ବରଂ ଏହା କନ୍ଧ ଜନଜାତିର ଅନ୍ତର୍ନିହିତ ଆତ୍ମାର ଏକ ଜାଜ୍ୱଲ୍ୟମାନ ଅଭିବ୍ୟକ୍ତି। ପ୍ରକୃତିକୁ ଈଶ୍ୱର ରୂପେ ଆରାଧନା କରୁଥିବା ଏହି ଆଦିମ ଅଧିବାସୀମାନଙ୍କର ପ୍ରତ୍ୟେକଟି ପଦଚାଳନା ମଧ୍ୟରେ ଧରିତ୍ରୀ ମାତାଙ୍କ ପ୍ରତି ଥିବା ଅନନ୍ୟ ଅନୁରାଗ ଏବଂ ଅରଣ୍ୟ ଜୀବନର ସାହସିକତାର ଗାଥା ଉତ୍କୀର୍ଣ୍ଣ ହୋଇ ରହିଛି। ବିବିଧତାପୂର୍ଣ୍ଣ ଭାରତୀୟ ସଂସ୍କୃତିର ବିସ୍ତୀର୍ଣ୍ଣ ମାନଚିତ୍ରରେ ଏହି ଶୈଳୀ ନିଜର ଆଦିମତା ଓ ମୌଳିକତା ଯୋଗୁଁ ଆଜି ବି ଏକ ସ୍ୱତନ୍ତ୍ର ସାରସ୍ୱତ ଗୌରବ ଦାବି କରେ।

**ଯୁଗ-ଧର୍ମର ପ୍ରଭାବ ଓ ଆଙ୍ଗିକ ପରିବର୍ତ୍ତନର ସମୀକ୍ଷା**

କାଳର କରାଳ ପ୍ରବାହ ସର୍ବଦା ପରିବର୍ତ୍ତନର ବାର୍ତ୍ତା ବହନ କରି ଆଣିଥାଏ। ଭଞ୍ଜରାଜାଙ୍କ ସମରକଳାର ପୃଷ୍ଠପୋଷକତାରୁ ଆରମ୍ଭ ହୋଇ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ଶିଙ୍ଗନୃତ୍ୟ ନିଜର ଆଙ୍ଗିକ ସ୍ୱରୂପରେ ଅନେକ ବିବର୍ତ୍ତନ ଦେଖିଛି। ଏହି ଲୋକନୃତ୍ୟର ଆଦିମ ଆତ୍ମା ବା ମୌଳିକ ନିୟମଗୁଡ଼ିକୁ ଅକ୍ଷୁର୍ଣ୍ଣ ରଖିବା ଏକାନ୍ତ ଜରୁରୀ। ପାଦରେ ଘୁଙ୍ଗୁର ଓ ମୁହଁରେ ଆଧୁନିକ ପ୍ରସାଧନର ବ୍ୟବହାର କଳାର ବାହ୍ୟ ସୌନ୍ଦର୍ଯ୍ୟକୁ ବଢ଼ାଇ ପାରେ, କିନ୍ତୁ କ୍ରାବା ବା ଚାଙ୍ଗୁର ସେହି ପାରମ୍ପରିକ ଗ୍ରେଁଗେନା-ଗେଡ଼େଗେନା ଧ୍ୱନି ଏବଂ ମହୁରୀର ହିରିରିଆ ମୂର୍ଚ୍ଛନା ମଧ୍ୟରେ ହିଁ ଏହି ନୃତ୍ୟର ପ୍ରକୃତ ସାରବତ୍ତା ନିହିତ, ଯାହାକୁ କୌଣସି ପରିସ୍ଥିତିରେ ବି କୃତ୍ରିମତାର ଆବରଣ ମଧ୍ୟରେ ହଜାଇ ଦିଆଯାଇ ନପାରେ।

ଅତ୍ୟନ୍ତ ପରିତାପର ବିଷୟ ଯେ, ଏହି ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ବସ୍ତୁବାଦୀ ସଭ୍ୟତାର ବେଗଗାମୀ ପ୍ରବାହରେ ପାରମ୍ପରିକ ଲୋକସଂସ୍କୃତିର ଭିତ୍ତିଭୂମି ଦୋହଲି ଯାଇଛି। ଆଧୁନିକ ଚଳଚ୍ଚିତ୍ର ଏବଂ ପାଶ୍ଚାତ୍ୟ ନୃତ୍ୟର ଚାକଚକ୍ୟାଭିମୁଖୀ ମାୟାଜାଲ ମଧ୍ୟରେ ଆମର ନୂତନ ପିଢ଼ି ନିଜର ମାଟିର ବାସ୍ନା ଏବଂ ପରମ୍ପରାର ଗୌରବକୁ ବିସ୍ମୃତ ହେବାକୁ ବସିଲେଣି। କନ୍ଧମାଳର ବାଲିଗୁଡ଼ା, ଟିକାବାଲି କିମ୍ବା ଘୁ. ଉଦୟଗିରି ଭଳି କେତେକ ସୀମିତ ଅଞ୍ଚଳରେ ଶିଙ୍ଗନୃତ୍ୟ ଆଜି ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଚରମ ସଂଗ୍ରାମ କରୁଛି । ପୃଷ୍ଠପୋଷକତାର ଅଭାବ ଏବଂ ଆର୍ଥିକ ଅନାଟନ ଯୋଗୁଁ ଆଜି 'କ୍ରାହେନ୍ଦ୍ରା' ନୃତ୍ୟର ଶିଳ୍ପୀମାନେ ନିରୁତ୍ସାହିତ। କେଡୁପର୍ବ ପରି ମହାନ ଆଧ୍ୟାତ୍ମିକ ଉତ୍ସବର ଅନନ୍ୟ ଉପାଦାନ ସାଜିଥିବା ଏହି ନୃତ୍ୟ ଯଦି କେବଳ ସାମାଜିକ ଅବହେଳା କାରଣରୁ ବିଲୁପ୍ତ ହୋଇଯାଏ, ତେବେ ତାହା ଓଡ଼ିଶାର ସାଂସ୍କୃତିକ ଇତିହାସ ପାଇଁ ଏକ ଅପୂରଣୀୟ କ୍ଷତି ହେବ।

ଏହି ସନ୍ଧିକ୍ଷଣରେ ଶିଙ୍ଗନୃତ୍ୟର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ରାଷ୍ଟ୍ରୀୟ ତଥା ଆଞ୍ଚଳିକ ସ୍ତରରେ ଏକ ସାମୂହିକ ଜାଗରଣର ଆବଶ୍ୟକତା ରହିଛି। ପ୍ରଥମତଃ, ସରକାରୀ ସ୍ତରରେ ଜନଜାତି ସଂସ୍କୃତି ଏକାଡେମୀ ଏବଂ ସଂସ୍କୃତି ବିଭାଗ ମାଧ୍ୟମରେ ଏହି ନୃତ୍ୟର ପ୍ରସାର ପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ଓ ବୃତ୍ତିର ବ୍ୟବସ୍ଥା କରାଯିବା ଉଚିତ। ଦ୍ୱିତୀୟତଃ, ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ସାଂସ୍କୃତିକ ମହୋତ୍ସବରେ କନ୍ଧମାଳର ଏହି ଅନନ୍ୟ ବୀରତ୍ୱ ବ୍ୟଞ୍ଜକ ନୃତ୍ୟକୁ ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି କରାଗଲେ, ଏହା ବିଶ୍ୱ ଦରବାରରେ ଆଦୃତ ହୋଇପାରିବ। ଶିଳ୍ପୀମାନଙ୍କୁ ସମ୍ମାନିତ କରିବା ସହ ନବ୍ୟ ପିଢ଼ିର ଯୁବକମାନଙ୍କୁ ଏହି ସମରକଳା ଶିକ୍ଷା କରିବା ପାଇଁ କର୍ମଶାଳାମାନ ଆୟୋଜନ କରାଯିବା ବିଧେୟ। ବେସରକାରୀ ଅନୁଷ୍ଠାନ ଓ ଗବେଷକମାନେ ଏହି ବିଲୁପ୍ତପ୍ରାୟ କଳାର ଲିଖିତ ଓ ଦୃଶ୍ୟ-ଶ୍ରାବ୍ୟ ଦଲିଲ୍ ସାଇତି ରଖିବା ଆବଶ୍ୟକ, ଯାହା ଆଗାମୀ ସମୟର ଜିଜ୍ଞାସୁ ଗବେଷକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ।

ସୁତରାଂ, ବିହିତ ଆଲୋଚନାର ନିର୍ଯ୍ୟାସ ସ୍ୱରୂପ ଏହା ନିଶ୍ଚିତ ଭାବେ କୁହାଯାଇପାରେ ଯେ କନ୍ଧମାଳର ଶିଙ୍ଗନୃତ୍ୟ ଓଡ଼ିଆ ଲୋକସଂସ୍କୃତିର କେବଳ ଏକ ଅଙ୍ଗ ନୁହେଁ, ବରଂ ଏହା ଆମ ଅରଣ୍ୟ ଗରିମାର ଜୀବନ୍ତ ଦଲିଲ୍। ଏହି ଗବେଷଣାତ୍ମକ ଆଲେଖ୍ୟ ମାଧ୍ୟମରେ ଉକ୍ତ ପ୍ରାଚୀନ ଲୋକନୃତ୍ୟର ଐତିହାସିକ ପ୍ରେକ୍ଷାପଟ୍ଟ, ପରିବେଷଣ ଶୈଳୀ ଓ ବାଦ୍ୟର ତାଳଗତ ବୈଶିଷ୍ଟ୍ୟକୁ ଲୋକଲୋଚନକୁ ଆଣିବାର ଯେଉଁ ସାରସ୍ୱତ ପ୍ରୟାସ କରାଯାଇଛି, ତାହା ନିଶ୍ଚିତ ଭାବେ ଶ୍ଳାଘନୀୟ। ରୀତିକାବ୍ୟର ପରିସମାପ୍ତିରେ ଯେଉଁଭଳି


© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଭରତବାକ୍ୟ ଦ୍ୱାରା ମଙ୍ଗଳ କାମନା କରାଯାଏ, ତଦ୍ରୂପ ଏହି ପ୍ରବନ୍ଧର ଶେଷ ପ୍ରାର୍ଥନା ହେଉଛି—ପ୍ରକୃତି ଓ ପୁରୁଷର ସମନ୍ୱୟରେ ଗଢ଼ି ଉଠିଥିବା ଆମର ଏହି ପ୍ରିୟ 'କ୍ରାହେନ୍ଦ୍ରା' ଆଧୁନିକତାର ଝଞ୍ଜାରେ ସ୍ମୃତି ହୋଇ ନରହି, ସାରା ବିଶ୍ୱରେ ଆଦିମ ସଂସ୍କୃତିର ବିଜୟ କେତନ ଉଡ଼ାଇ ଚିରକାଳ ପ୍ରଜ୍ୱଳିତ ହୋଇ ରହୁ। ଏହି ସଂରକ୍ଷଣର ପ୍ରଚେଷ୍ଟା ମଧ୍ୟରେ ହିଁ ଆମର ମାଟି, ଭାଷା ଓ ସାଂସ୍କୃତିକ ଜାତୀୟତାର ପ୍ରକୃତ ସାର୍ଥକତା ନିହିତ।

ସର୍ବୋପରି ସଙ୍ଗୀତ ବିହୀନ ଶିଙ୍ଗନୃତ୍ୟ ଏକ ବୀରତ୍ୱ ବ୍ୟଞ୍ଜକ ଆଦିବାସୀ ଲୋକନୃତ୍ୟ ଭାବରେ ସ୍ୱୀକୃତ l କିନ୍ତୁ ଆଧୁନିକ ନୃତ୍ୟର ପ୍ରଭାବରେ ଆଜି ଏହା ବିଲୁପ୍ତ ପ୍ରାୟ l ତଥାପି ବାଲିଗୁଡ଼ା, ଘୁ. ଉଦୟଗିରି,ଟିକାବାଲି ଆଦି ଅଞ୍ଚଳରେ ଏହା ଏବେ ମଧ୍ୟ ଜୀବିତାବସ୍ଥାରେ ଥିବା ଜଣାଯାଏ l ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହାର ରକ୍ଷଣାବେକ୍ଷଣ ପ୍ରତି ସରକାରୀ ଏବଂ ବେସରକାରୀ ସ୍ତରରେ ଉଦ୍ୟମ ହେବା ଏକାନ୍ତ ଜରୁରୀ l ନଚେତ୍ ଦିନେ ଯେ ଶିଙ୍ଗନୃତ୍ୟ ଲୋପ ପାଇ କେବଳ ସ୍ମୃତି ସାଇତା ହୋଇ ରହିଯିବ ଏଥିରେ ସନ୍ଦେହ ନଥାଇ ପାରେ l

## ସହାୟକ ଗ୍ରନ୍ଥସୂଚୀ


1. Kishor BR. *Danus of India*. New Delhi; 1988. p.146.
2. Dash RN, editor. *Art and Culture of Juarny*. Bhubaneswar: Orissa Lalita Kala Akademi; 1992. p.82-83.
3. ପାଢ଼ୀ ଡଃ ରାଜେନ୍ଦ୍ର. *ଧରୁଆ ଲୋକ ସଂସ୍କୃତି*. ଭୁବନେଶ୍ୱର: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ; ୨୦୦୩. ପୃ.୭୯।
4. Senapati N. *Orissa District Gazetteers: Boudh-Kandhamal*. Orissa: Government of Orissa; 1983. p.84.
5. ପରିଡ଼ା ଡଃ ସରୋଜ କୁମାର. *କନ୍ଧମାଳର ଲୋକ ସଂସ୍କୃତି*. ପୁରୀ: ଲୋକ ସଂସ୍କୃତି ଗବେଷଣା ପରିଷଦ; ୨୦୧୫. ପୃ.୧୯୬।
6. ରଥ ରଘୁନାଥ. *କନ୍ଧ ନୃତ୍ୟ ପରମ୍ପରାରେ ଶିଙ୍ଗନାଟ*. ଫୁଲବାଣୀ: ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ; ୨୦୧୨. In: *ଦକ୍ଷିଣ ଓଡ଼ିଶାର ଲୋକନୃତ୍ୟ*. ପୃ.୭୭।



**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.


**About the corresponding author**




**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ** ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, ସମକାଳୀନ କବିତା ଏବଂ ସମାଲୋଚନା ରଚନା କ୍ଷେତ୍ରରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ତାଙ୍କର କବିତା ମାନବୀୟ ଜୀବନବୋଧର କଥା କହିବାରେ ଯେପରି ସମର୍ଥ; ସମାଲୋଚନା ସେପରି ବିଷୟ ଉପସ୍ଥାପନରେ ବୈଚିତ୍ର୍ୟ, ନିରୋଳା ଭାଷା ଏବଂ ଅନ୍ତର୍ଦୃଷ୍ଟି ସଂପନ୍ନ ଭାବ ବିନ୍ୟାସରେ ଅନନ୍ୟ ।




© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/